## ୧୦୦ଫୁଟ ତଳକୁ ଖସିଲା ଟ୍ରେଲର

ବାଙ୍ଗିରିପୋଷି,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟିରେ ମଙ୍ଗଳବାର ପୁଣି ଦୁର୍ଘଟଣା ଘଟିଛି। ପ୍ରାୟ ୧୦୦ ଫୁଟ ତଳକୁ ଏକ ଲୁହାପଥର ବୋଝେଇ ଟ୍ରେଲର ଖସି ପଡ଼ିଛି। ଏହି ଦୁର୍ଘଟଣାରୁ ଟ୍ରେଲର ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଯୋଡ଼ାରୁ ଲୁହାପଥର ବୋଝେଇ କରି ପଶ୍ଚିମବଙ୍ଗର ଖଡ଼ଗପୁର ଅଭିମୁଖେ ଯାଉଥିବା ଏହି ଟ୍ରେଲର ଘାଟିରୁ ତଳକୁ ଓହ୍ଲାଉ ଥିବା ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖିନ ହୋଇଥିଲା। ବାଙ୍ଗିରିପୋଷି ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ନାବାଳିକାଙ୍କୁ ଦୁର୍ବ୍ୟବହାର ମାମଲା, ଶିକ୍ଷକ ଅଟକ

ଖଇରା, ୨୪।୮(ଡି.ଏନ.ଏ.): ନାବାଳିକାଙ୍କୁ ଦୁର୍ବ୍ୟବହାର ମାମଲାରେ ବାଲେଶ୍ୱର ଜିଲା ଖଇରା ଥାନା ପୋଲିସ ମଳିହା ଗ୍ରାମର ଶିକ୍ଷକଙ୍କୁ ପଚରାଉଚୁରା ପାଇଁ ମଙ୍ଗଳବାର ଅଟକ ରଖିଛି। ଉକ୍ତ ଶିକ୍ଷକ ଗୋବିନ୍ଦପୁର ପଞ୍ଚାୟତ ବାରିକସାହି ଆଦର୍ଶ ସଂସ୍କୃତ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବେଳେ ଏପ୍ରିଲ ୧୪ରେ ଜଣେ ନାବାଳିକାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଖଇରା ଥାନାରେ ଏକ ମାମଲା(ନଂ.୯୨/୨୧) ରୁଜୁ ହୋଇଥିଲା। ସେହିଭଳି ଶିକ୍ଷକଙ୍କ ପତ୍ନୀଙ୍କ ଅଭିଯୋଗକ୍ରମେ ଖଇରା ପୋଲିସ ନାବାଳିକାଙ୍କ ସମ୍ପର୍କୀୟଙ୍କ ନାମରେ ଏକ ମାମଲା(ନଂ. ୯୦/୨୧)ରୁଜୁ କରିଥିଲା। ସମ୍ପୃକ୍ତ ଶିକ୍ଷକ ମଙ୍ଗଳବାର ବିଦ୍ୟାଳୟରେ ପାଠ ପଢ଼ାଉଥିବା ବେଳେ ଖଇରା ପୋଲିସ ତାଙ୍କୁ ଥାନାକୁ ଉଠାଇ ଆଣିଥିବା ଜଣାଯାଇଛି।

### ବାଲିଆପାଳ ତହସିଲ ପକ୍ଷରୁ ଚଢ଼ାଉ

ବାଲିଆପାଳ, ୨୪।୮(ସ୍ୱ.ପ୍ର.): ବାଲେଶ୍ୱର ଜିଲା ବାଲିଆପାଳ ତହସିଲ ଅଧୀନରେ ବିଭିନ୍ନ ସ୍ଥାନରେ ପ୍ରତ୍ୟେକ ଦିନ ବେଆଇନ ବାଲି, ମାଟି ଚୋରାଚାଲାଣ ଚାଲିଛି। ଚୋରାଚାଲାଣକୁ ଦୃଷ୍ଟିରେ ରଖି ମଙ୍ଗଳବାର ବାଲିଆପାଳ ତହସିଲଦାର ଦୀପକ ଦାସଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ର ସଦଳବଳେ ବାଲିଆପାଳ ତହସିଲ ଅଧୀନରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୮ ଟ୍ରାକ୍ଟରକୁ ଜବତ କରିବା ସହିତ ୬୧ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ବାଲିଆପାଳ ତହସିଲ ନିରୀକ୍ଷକ ମନୋଜ କୁମାର ଗିରି, ବାଲିଆପାଳ ସଦର ରାଜସ୍ୱ ନିରୀକ୍ଷକ କାଳୀଚରଣ ମାଝି, ଜଗନ୍ନାଥ ପାତ୍ର, ରାଜୀବ ଲୋଚନ ମହାପାତ୍ର, ସୁରେଶ ଚନ୍ଦ୍ର ସିଂ ଓ ଅଜିତ କୁମାର ହେମ୍ବ୍ରମ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ଜଳିଗଲା ୪ ବଖରା, ୩ ଗୋରୁ ଗୁରୁତର

ଖଇରା, ୨୪।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ କରୁଣ୍ଡା ପଞ୍ଚାୟତ ଅଧୀନ ବାରିଙ୍ଗିଆ ଗ୍ରାମରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ବିନୋଦ ମହାନ୍ତିଙ୍କର ୪ ବଖରା ଘର ଜଳିଯାଇଛି। ୩ ଗୋରୁ ପୋଡି ଗୁରୁତର ହୋଇଛନ୍ତି। ନଷ୍ଟ ହୋଇଥିବା ସମ୍ପତ୍ତିର ଆନୁମାନିକ ମୂଲ୍ୟ ୫ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିବାରୁ କୌଣସି ଆସବାବପତ୍ର କାଢ଼ିବା ସମ୍ଭବ ହୋଇ ନ ଥିଲା। ସର୍ବହରା ହୋଇପଡିଥିବା ଉକ୍ତ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଦେବାକୁ ଦାବି ହୋଇଛି।

### ବନ୍ଧୁକ ଚୋରି

କୁଆମରା,୨୪।୮(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ କୁଶଳଦା ପଞ୍ଚାୟତର ସିମିଳାବନ୍ଧ ଗ୍ରାମର ରମେଶ ସାହୁଙ୍କ ଲାଇସେନ୍ସ ପ୍ରାପ୍ତ ବନ୍ଧୁକକୁ କେହି ଦୁର୍ବୃତ୍ତ ଘରୁ ଚୋରି କରି ନେଇଥିବା ଉଦଳା ଥାନାରେ ଅଭିଯୋଗ ହୋଇଛି। ଘର କବାଟ ଖୋଲା ଥିବା ସମୟରେ କେହି ତାହାକୁ ଚୋରି କରି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଏନେଇ ପୋଲିସ ଏକ ମାମଲା (ନଂ.୨୮୯/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

### ବିଜେଡିର କର୍ମୀ ସମ୍ମିଳନୀ

ଚମ୍ପୁଆ/ପାଟଣା, ୨୪।୮ (ଡି.ଏନ.ଏ./ସ୍ୱ.ପ୍ର.): ବିଜୁ ଜନତା ଦଳ ପକ୍ଷରୁ ବ୍ଲକ ଗୁଡ଼ିକରେ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ କରାଯାଇଛି। ଚମ୍ପୁଆ ବ୍ଲକର ଭୁଇଁପୁର ଠାରେ ଏକ ପଞ୍ଚାୟତ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭୁଇଁପୁର ପଞ୍ଚାୟତ ବିଜେଡି ସଭାପତି ତାପସ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କର୍ମୀସମ୍ମିଳନୀରେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ଜିଲା ମହିଳା ବିଜେଡି ସଭାପତି ତଥା ଚମ୍ପୁଆ ବ୍ଲକ ଅଧକ୍ଷା ରମଣୀ ନାଏକ ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କର ଲୋକାଭିମୁଖୀ ଯୋଜନା ଗୁଡିକର ସଫଳତା ଉପରେ ଆଲୋକପାତ କରିବା ସହିତ ତୃଣମୂଳ ସ୍ତରରୁ ବିଜେଡିକୁ ସଙ୍ଗଠିତ କରିବା ଆଦି ଉପରେ ଆଲୋକପାତ କରିଥିଲେ। ସେହିପରି ପାଟଣା ନିର୍ବାଚନ ମଣ୍ଡଳୀ ସାହାରପଡା ବ୍ଲକ ଉଦୟପୁର ବିରାଜା ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଆୟୋଜିତ କର୍ମୀ ସମ୍ମିଳନୀ ପାଟଣା ବିଧାୟକ ଜଗନ୍ନାଥ ନାଏକଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେଡି ସଂଗଠନ ସମ୍ପାଦକ ତଥା କେନ୍ଦୁଝର ଜିଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ, ସମ୍ମାନିତ ଅତିଥି ଭାବେ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ସାହାରପଡା ବ୍ଲକ ଅଧକ୍ଷା ରମ୍ଭାବତୀ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ।

# ରେଳଫାଟକ ପାଇଁ ଅଧଘଣ୍ଟା ଫସିଲା ଆମ୍ବୁଲାନ୍ସ

ରୂପସା, ୨୪।୮(ଡି.ଏନ.ଏ.)



ରୂପ୍‌ସା ଉତ୍ତରକ୍ୟାବିନ୍ ଫାଟକରେ ଫସି ରହିଥିବା ଆମ୍ବୁଲାନ୍ସ।

ଦକ୍ଷିଣପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅଧୀନ ରୂପସା ରେଳ ଜଙ୍କସନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ହେଲେ ଏହାର ଉତ୍ତରକ୍ୟାବିନ ରେଳଫାଟକ ଦୈନିକ ଦୀର୍ଘ ସମୟ ଧରି ପଡି ରହୁଥିବାରୁ ଯାତାୟାତରେ ଲୋକେ ବହୁ ଅସୁବିଧାରେ ସମ୍ମୁଖୀନ ହୋଇଥାନ୍ତି। ମଙ୍ଗଳବାର ପ୍ରାୟ ସାଢେ ୧୧ଟା ବେଳେ ଏକ ଆମ୍ବୁଲାନ୍ସ ରୋଗୀ ନେଇ ମେଡିକାଲ ଯାଉଥିବା ବେଳେ ଫାଟକ ପଡ଼ିରହିବା ଯୋଗୁ ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକି ରହିଥିଲା। ବାରମ୍ବାର ସାଇରନ ବଜାଇଥିଲେ ମଧ୍ୟ ଜରୁରୀ ପରିସ୍ଥିତିରେ ରେଳଫାଟକ ଉଠାଇବା ଦିଗରେ ଷ୍ଟେଶନ କର୍ତ୍ତୃପକ୍ଷ ଧ୍ୟାନ ଦେଇ ନ ଥିଲେ। ଘଟଣାସ୍ଥଳରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଗଣମାଧ୍ୟମ ପ୍ରତିନିଧି ହସ୍ତକ୍ଷେପ କରି ଷ୍ଟେଶନ ମ୍ୟାନେଜରଙ୍କୁ ଯୋଗାଯୋଗ କରିବା ପରେ ତୁରନ୍ତ ଫାଟକ ଉଠାଯାଇଥିଲା। ଆମ୍ବୁଲାନ୍ସ ରୋଗୀ ନେଇ ବିଳମ୍ବରେ ମେଡିକାଲ ପହଞ୍ଚିଥିଲା।

### ନିର୍ମାଣ ହେଉନି ଓଭରବ୍ରିଜ

ଏହି ଫାଟକ ଦେଇ ଯାଇଥିବା ରାସ୍ତା ମୟୂରଭଞ୍ଜର ବୈଶିଙ୍ଗାରୁ ୬୦ନମ୍ବର ଜାତୀୟ ରାଜପଥର ରୂପସା ବସ୍‌ଷ୍ଟାଣ୍ଡକୁ ସଂଯୋଗ କରୁଥିବା ବେଳେ ରୂପସା ମୁଖ୍ୟ ଚିକିତ୍ସାଳୟ, ପ୍ରାଣୀ ଡାକ୍ତରଖାନା ଓ ସ୍କୁଲ, କଲେଜ, ଝୋଟକଳ, ବ୍ୟାଙ୍କ, ପୋଷ୍ଟ ଅଫିସ ଆଦି ରହିଛି। ଜନସାଧାରଣଙ୍କ ଦାବି ମୁତାବକ ପ୍ରଶାସନ ପକ୍ଷରୁ ଏଠାରେ ଓଭରବ୍ରିଜ ନିର୍ମାଣ ପାଇଁ ସର୍ଭେ କରାଯାଇଥିଲେ ମଧ୍ୟ ବିଭାଗୀୟ ଉଦାସୀନତା ଯୋଗୁ ଏଯାବତ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉନାହିଁ। ବେଳେବେଳେ ଅପ ଓ ଡାଉନ ଲାଇନରେ ୪ଟି ଟ୍ରେନ ଅତିକ୍ରମ କରିବା ପରେ ଫାଟକ ଉଠିବା ଯୋଗୁ ଲୋକେ ଆମ୍ବୁଲାନ୍ସ ସେବା, ଦମକଳ ସେବାରୁ ବଞ୍ଚିତ ହୋଇଥାନ୍ତି।

# ବିଳମ୍ବରେ ମିଳୁଛି ପରିବହନ ଭଡ଼ା

ଯୋଡ଼ା,୨୪।୮(ଡି.ଏନ.ଏ.)

### ଖଣି ଯୁଗ୍ମ ନିର୍ଦ୍ଦେଶକଙ୍କଠାରେ ଅଭିଯୋଗ କଲା ଟ୍ରକ ମାଲିକ ସଂଘ

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳରେ ଥିବା ଦୁଇଟି ପରିବହନକାରୀ ସଂସ୍ଥା ପକ୍ଷରୁ ଟ୍ରକ ମାଲିକଙ୍କୁ ବିଳମ୍ବରେ ଭଡ଼ା ଦିଆଯାଉଛି। ଏନେଇ ଆଞ୍ଚଳିକ ଟ୍ରକ ମାଲିକ ସଂଘ ପକ୍ଷରୁ ଯୋଡ଼ା ଖଣି ଯୁଗ୍ମ ନିର୍ଦ୍ଦେଶକଙ୍କଠାରେ ଅଭିଯୋଗ ହୋଇଛି। ଖଣିଜ ଖଲାସ ହେବାଠାରୁ ୭ଦିନ ମଧ୍ୟରେ ସମ୍ପୃକ୍ତ ପରିବହନକାରୀ ସଂସ୍ଥା ପକ୍ଷରୁ ପରିବହନ ଭଡ଼ା ଦିଆଯିବା ଉଚିତ୍। ମାତ୍ର ପରିବହନକାରୀ ସଂସ୍ଥା ପକ୍ଷରୁ ମାସ ମାସ ସମୟ ନେଉଛି। ଟ୍ରକ ମାଲିକଙ୍କର ରୋଜଗାରର ଆଉ ଅନ୍ୟ କୌଣସି ଉପାୟ ନ ଥିବା ବେଳେ ଟ୍ରକ ବ୍ୟବସାୟ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ଠିକ ସମୟରେ ସେମାନଙ୍କୁ ପରିବହନ ଭଡ଼ା ମିଳୁ ନ ଥିବାରୁ ସେମାନଙ୍କ ପକ୍ଷେ ଟ୍ରକ ଚଳାଇବା କଷ୍ଟସାଧ ହୋଇପଡିଛି। ଏଣୁ ଏହିସବୁ ସମସ୍ୟା ନେଇ ଦୁଇ ଦିନ ମଧ୍ୟରେ ଏହାର ପ୍ରତିଉତ୍ତର ରଖିବା ପାଇଁ ସଂଘ ପକ୍ଷରୁ ଦୁଇଟି ପରିବହନକାରୀ ସଂସ୍ଥାକୁ ଚିଠି କରାଯାଇଛି। ଏନେଇ ପରିବହନକାରୀ ସଂସ୍ଥା ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ଜଳେଶ୍ୱର ତହସିଲରେ ପଟ୍ଟା ବଣ୍ଟନ



ବିଧାୟକ ଅଶ୍ୱିନୀ ପାତ୍ର ଭୂମିହୀନଙ୍କୁ ପଟ୍ଟା ବଣ୍ଟନ କରୁଛନ୍ତି।

ଜଳେଶ୍ୱର, ୨୪।୮(ଡି.ଏନ.ଏ.)

ରାଜ୍ୟ ସରକାର ଗରିବ ଭୂମିହୀନଙ୍କୁ ଜମିପଟ୍ଟା ଯୋଗାଇବା ନିମନ୍ତେ ପ୍ରୟାସ ଆରମ୍ଭ କରିଥିବା ବେଳେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧୀନ ବିଭିନ୍ନ ଆର୍‌ଆଇ ସର୍କଲରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଧାୟକ ଅଶ୍ୱିନୀ ପାତ୍ର ଯୋଗଦେଇ ୩୮ ଗରିବ ଭୂମିହିନଙ୍କୁ ତହସିଲ କାର୍ଯ୍ୟାଳୟରେ ପଟ୍ଟା ବଣ୍ଟନ କରିଥିଲେ। ଅଦ୍ୟାବଧି ୮୧୧ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିବା ବେଳେ ମଙ୍ଗଳବାର ସରଡିହା ଆର୍‌ଆଇ ସର୍କଲରେ ୧୦ଜଣ, ଜମାଲପୁର, ଖୁଆଡ, ନାମ୍ପୋ ଆର୍‌ଆଇ ସର୍କଲରେ ୮ ଜଣ ଲେଖାଏଁ ଏବଂ ଓଲମରା ଆର୍‌ଆଇ ସର୍କଲରେ ୪ଜଣ ଭୂମିହୀନଙ୍କୁ ପଟ୍ଟ ବଣ୍ଟନ କରାଯାଇଛି। ତହସିଲଦାର ଶଙ୍କର ପଟ୍ଟନାୟକ ଓ ଅତିରିକ୍ତ ତହିଲଦାର ହେମନ୍ତ କୁମାର ନାୟକଙ୍କ ସହିତ ତହସିଲ କର୍ମଚାରୀ ତନୁସ୍ମିତା ମହାନ୍ତି, ଗୌରାଙ୍ଗ ଜେନା, ପ୍ରଭୁରାମ କାସ୍ତ, ଦିଲ୍ଲିପ ଚାନ୍ଦ, ନିରଞ୍ଜନ ସିଂ, ସୃଷ୍ଟିଧର ପଟ୍ଟାୟତ, ସୁବ୍ରତ ବେହେରା, ଶୁଭେନ୍ଦୁ ସାହୁ ଓ ବଂଶୀଧର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

### ଜଙ୍ଗଲରୁ ମହିଳାଙ୍କ ଗଳିତ ମୃତଦେହ ଜବତ

ସାରସକଣା,୨୪।୮(ଡି.ଏନ.ଏ.) ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅନ୍ତର୍ଗତ ଦିଘି ଜଙ୍ଗଲରୁ ଜଣେ ଅଚିହ୍ନା ମହିଳାଙ୍କ ଗଳିତ ଶବକୁ ପୋଲିସ ଜବତ କରିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାଇ ମୃତ ମହିଳା ଜଣକ ସ୍ଥାନୀୟ ଅଞ୍ଚଳର ନୁହଁନ୍ତି। ବହୁ ସମୟରେ ଜଙ୍ଗଲ ଭିତରକୁ ଅଜଣା ଲୋକଙ୍କ ଯିବା ଆସିବା ଲାଗି ରହିଥାଏ। ତାଙ୍କୁ କେହି ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ଗ୍ରାମବାସୀ କହିଛନ୍ତି। ଖବରପାଇ ଝାରପୋଖରିଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୩୩/୨୧) ରୁଜୁ ହୋଇଛି।

# ନୀଳଗିରି ଥାନାରେ ପୂର୍ବାଞ୍ଚଳ ଆଇଜି, ଏସ୍‌ପି

ସଜନାଗଡ଼, ୨୪।୮(ଡି.ଏନ.ଏ.)

### ଯବାନଙ୍କ ପରିବାରକୁ ନିର୍ଯାତନା ପ୍ରସଙ୍ଗ

ଜମ୍ମୁ କଶ୍ମୀରରେ କାର୍ଯ୍ୟରତ ଯବାନ ବାଲେଶ୍ୱର ଜିଲା ନୀଳଗିରି ଥାନା ଅଯୋଧ୍ୟା ଫାଣ୍ଡି ତିନିଦେଶ ଗ୍ରାମର ନିନିଗୋପାଳ ମହାପାତ୍ର ନିଜ ପରିବାରର ସୁରକ୍ଷା ଲାଗି ଏକ ଭିଡିଓ ମାଧ୍ୟମରେ ନିବେଦନ କରିଥିଲେ। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମଙ୍ଗଳବାର ପୂର୍ବାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ ଓ ବାଲେଶ୍ୱର ଏସ୍‌ପି ସୁଧାଂଶୁ ଶେଖର ମିଶ୍ର ନୀଳଗିରି ଥାନାରେ ପହଞ୍ଚି ଏହି ଘଟଣାର ତଦନ୍ତ କରିଛନ୍ତି। ତଦନ୍ତ ବେଳେ ନୀଳଗିରି ଏସ୍‌ଡିପିଓ ରୀତେଶ କୁମାର ମହାପାତ୍ର, ଭାରପ୍ରାପ୍ତ ଆଇଆଇସି ବାସୁଦେବ ଜୟସିଂହ, ଏସ୍‌ଆଇ ସସ୍ମିତା ମଲ୍ଲିକ ଉପସ୍ଥିତ ଥିଲେ। ଏହି ସମୟରେ ଯବାନଙ୍କ ଗାଁର ଜଣେ ତାଙ୍କର ବନ୍ଧୁଙ୍କ ସହିତ ଆଲୋଚନା ହେବା ସହିତ ଯବାନଙ୍କ ସହିତ ଫୋନରେ କଥା ହୋଇଥିଲେ। ପୂର୍ବରୁ ଘଟଣାକୁ ଗୁରୁତ୍ୱ ଦେଇ ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା ଯବାନଙ୍କ ଘରକୁ ଯାଇ ତଦନ୍ତ କରିଥିଲେ।

# ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଦୁର୍ନୀତି ଅଭିଯୋଗ

### ବିଡିଓଙ୍କୁ ଦାବିପତ୍ର ଦେଲେ ପଞ୍ଚାୟତବାସୀ

ରୂପସା, ୨୪।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ଦୁଧହଂସା ପଞ୍ଚାୟତର ଏମଜିଏନଆରଇଜିଏସ୍‌ରେ ଏକ ରାସ୍ତା କାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ପାଇକପଡ଼ାରୁ ଜନ୍ତିକାପାଳ ପର୍ଯ୍ୟନ୍ତ ନିର୍ମିତ ରାସ୍ତାରେ ଅନିୟମିତତା ହୋଇଥିବା ନଜରକୁ ଆସିଛି। ଏହି ରାସ୍ତାରେ ମାତ୍ର ୩୦ହଜାର ଟଙ୍କାର କାର୍ଯ୍ୟ ହୋଇଥିବା ବେଳେ ୨ଲକ୍ଷ ୪୨ହଜାର ଟଙ୍କାର ବିଲ୍ ଉଠାଯାଇଥିବା ପଞ୍ଚାୟତବାସୀ ଜାଣିବା ପରେ ସୋମବାର ବିଡ଼ିଓ ଜ୍ଞାନରଞ୍ଜନ ସାହୁଙ୍କୁ ସାକ୍ଷାତ୍ କରି ଏକ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ପଞ୍ଚାୟତ କଂଗ୍ରେସ ସଭାପତି ଚୈତନ୍ୟ ଗୋଛାୟତ, ପ୍ରଭାକର ଗୋଛାୟତ, ସୃଷ୍ଟିଧର ମହାଳିକ, ମାନସୀ ମହାପାତ୍ର, ସୁଦର୍ଶନ ବିଶ୍ୱାଳ, ସୀତାରାମ ଯେନା, ପଞ୍ଚାୟତ ଯୁବ କଂଗ୍ରେସ ସଭାପତି ସୁଶାନ୍ତ କୁମାର ବିଶ୍ୱାଳଙ୍କ ସମେତ ବହୁ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

### ପ୍ରଫେସର କିଶୋର କୁମାର ବସା ହେଲେ ଏମ୍‌ସର ମନୋନୀତ ସଦସ୍ୟ

ବାରିପଦା ଅଫିସ,୨୪।୮

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କିଶୋର କୁମାର ବସା ଭୁବନେଶ୍ୱର ଏମସ୍ ଅନୁଷ୍ଠାନ କମିଟିର ମନୋନୀତ ସଦସ୍ୟ ହୋଇଛନ୍ତି। ଏନେଇ ଏମ୍‌ସ ନିର୍ଦ୍ଦେଶିକା ଡାକ୍ତର ଗୀତାଞ୍ଜଳି ବଟମାନବନେ ପତ୍ର ସଂଖ୍ୟା ୨୭୮/ତା୨୩।୮।୨୧ରିଖରେ ପ୍ରଫେସର ବସାଙ୍କୁ ଜଣାଇଛନ୍ତି। ଭାରତ ସରକାରଙ୍କ ପକ୍ଷରୁ ଏହି ସଦସ୍ୟ ଭାବେ ତାଙ୍କୁ ମନୋନୀତ କରିଛନ୍ତ। ଏନେଇ ନିର୍ଦ୍ଦେଶିକା ଏମ୍‌ସ ଅନୁଷ୍ଠାନ ପକ୍ଷରୁ ପ୍ରଫେସର ବସାଙ୍କୁ ଅଭିନନ୍ଦନ ଜଣାଇବା ସହିତ ତାଙ୍କ ମାର୍ଗଦର୍ଶନରେ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି ହେବ ବୋଲି ସେ ଆଶା ପୋଷଣ କରିଛନ୍ତି।

# ବାଇକ୍‌ରେ ଗୋମାଂସ ଚାଲାଣ, ଜଣେ ଅଟକ

ସିମୁଳିଆ, ୨୪।୮(ଡି.ଏନ.ଏ.)

ବାଇକ୍‌ରେ ଗୋମାଂସ ଚାଲାଣ ଅଭିଯୋଗରେ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ବରି ଅଞ୍ଚଳର ସେକ କାଦିରି ନାମକ ଯୁବକଙ୍କୁ ପୋଲିସ ଅଟକ ରଖିଛି। ମଙ୍ଗଳବାର ପୂର୍ବାହ୍ନରେ କାଦିରି ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳରୁ ୨୫ କି.ଗ୍ରା. ଗୋମାଂସ ନେଇଆସୁଥିବା ବେଳେ ତାଙ୍କ ଗ୍ରାମ ବରିରେ ସ୍ଥାନୀୟ ଲୋକଙ୍କ ସମେତ ଆର୍‌ଏସ୍‌ଏସ୍, ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ପହଞ୍ଚି ତାଙ୍କୁ ବିରୋଧ କରିଥିଲେ। ପୋଲିସ ପହଞ୍ଚି ତାଙ୍କ ବାଇକ୍(ନଂ. ଓଡ଼ି ୨୨ସି-୯୮୦୧) ଜବତ କରିବା ସହିତ ତାଙ୍କୁ ଥାନାରେ ଅଟକ ରଖିଛି। ତେବେ ଏହି ମାଂସ ନେଇ ସେ ଅଡ଼ାସ୍ଥିତ ତାଙ୍କ ପିଉସୀ ଝିଅ ଲଗ୍ନ ପାଇଁ ଯାଉଥିବା କହିଥିଲେ।


ପୋଲିସ ଭ୍ୟାନରେ ସେକ କାଦିରି।

### ସହଯୋଗ ପ୍ରଶିକ୍ଷଣ କର୍ମଶାଳା

ଭଣ୍ଡାରିପୋଖରୀ,୨୪।୮(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଜଳହରି ସାଧନ କେନ୍ଦ୍ର ଅଧୀନ ମାଳଦା ବିଦ୍ୟାଳୟଠାରେ ୩ଦିନିଆ ସହଯୋଗ ପ୍ରଶିକ୍ଷଣ କର୍ମଶାଳା ସୋମବାରଠାରୁ ଆରମ୍ଭ ହୋଇଛି। ସାଧନ କେନ୍ଦ୍ର ସଂଯୋଜକ ଚକ୍ରଧର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ରିତାଞ୍ଜଳୀ ସାମଲ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ ନୀଳମଣି ନାୟକ, ପ୍ରଧାନ ଶିକ୍ଷକ ଜଗନ୍ନାଥ ମହାନ୍ତି, ଯୁବ ସାମାଜିକ କର୍ମୀ ଉତ୍କଳ କେଶରୀ ମହାନ୍ତି, ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା, ଶିକ୍ଷକ ବିକାଶ ଦାସ, ପ୍ରସନ୍ନ ନାୟକ, ଶଶୀଭୂଷଣ ମଲ୍ଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ସଦସ୍ୟମାନେ ଯୋଗ ଦେଇଥିଲେ। ଅନୁରୂପ ଭାବେ ବ୍ଲକ ଶିକ୍ଷା ବିଭାଗ ଅଧୀନ ୧୬ଟି ସାଧନ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ପ୍ରଶିକ୍ଷଣ ଭିତ୍ତିକ ସହଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ବିଦ୍ୟୁତ୍ ସମସ୍ୟା ନେଇ ଆଲୋଚନା


ନେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

ଜଳେଶ୍ୱର, ୨୪।୮(ଡି.ଏନ.ଏ.)

ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱର ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ୍, ବିଦ୍ୟୁତ୍ ବିଲ୍ ଅସମାନତା ଓ ନିର୍ଦ୍ଦିଷ୍ଟ ସମୟରେ ବିଦ୍ୟୁତ୍ ବିଲ୍ ଯୋଗାଣ ଦାବିରେ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ନେସ୍କୋ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆଲୋଚନା କରାଯାଇଛି। ନିର୍ବାହୀ ଯନ୍ତ୍ରୀ ସୌମ୍ୟରଞ୍ଜନ ନାୟକଙ୍କ ସହିତ ଉପଭୋକ୍ତା ମଞ୍ଚର ସଭାପତି ଶଶାଙ୍କ ମହାନ୍ତି, ସମ୍ପାଦକ ଭାସ୍କର ଚନ୍ଦ୍ର ମିଶ୍ର, ଅରୁଣ ବେଜ, କମଳ ଚକ୍ରବର୍ତ୍ତୀ, ସିତାଂଶୁ ସେଖର ସେନାପତି, ଦିଲୀପ ଗିରି, ରବୀନ୍ଦ୍ର ବାରିକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଉପରୋକ୍ତ ସମସ୍ୟାର ସ୍ଥାୟୀ ସମାଧାନ କରିବା ସହିତ ଟାଟା ପାୱାର ଅଧିକ ମାନବ ସମ୍ବଳ ଯୋଗାଇବା ସହ ପଡିଆରିପୁର-୨ ଜଳସେଚନ ପଏଣ୍ଟକୁ କାର୍ଯ୍ୟକ୍ଷମ କରାଯିବା ସମ୍ପର୍କରେ ନାୟକ ପ୍ରତିଶ୍ରୁତି ଦେଇଥିଲେ।

# ୪୦ଦିନ ବିତିଲା, ତଥାପି ଫିଟୁନି ଗୁମର

ଖଇରା, ୨୪।୮(ଡି.ଏନ.ଏ.)

### ଏସିଏଫ ସୌମ୍ୟରଞ୍ଜନ ମୃତ୍ୟୁ ଘଟଣା

ପାରଳାଖେମୁଣ୍ଡି ଏସିଏଫ ସୌମ୍ୟରଞ୍ଜନ ମହାପାତ୍ରଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାକୁ ୪୦ଦିନ ପୂରିଥିବା ବେଳେ ଏ ପର୍ଯ୍ୟନ୍ତ ଜଣେ ହେଲେ ଅଭିଯୁକ୍ତ ଗିରଫ ହୋଇପାରିଲେନି। ଏହାକୁ ନେଇ ପାରଳାଖେମୁଣ୍ଡି ପୋଲିସ, କ୍ରାଇମବ୍ରାଞ୍ଚର କାର୍ଯ୍ୟଦକ୍ଷତାକୁ ପ୍ରଶ୍ନ କରିଛନ୍ତି ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର।

ସାଧାରଣ ମାରପିଟ ଘଟଣାରେ ପୋଲିସ ଅଭିଯୁକ୍ତମାନଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ବେଳେ ୩୦୨ଦଫା ଲାଗିଥିବା ସତ୍ତ୍ୱେ ଏତଲାରେ ପତ୍ନୀ, ଡିଏଫଓ, ରୋଷେୟାଙ୍କ ନାମ ସିଧାସଳଖ ଉଲ୍ଲେଖ କରାଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଜଣେ ହେଲେ ଗିରଫ ହୋଇନାହାନ୍ତି। ପାରଳାଖେମୁଣ୍ଡି ପୋଲିସର ୩୦ଦିନର ତଦନ୍ତ ନାଟକ ପରେ ଏବେ କ୍ରାଇମବ୍ରାଞ୍ଚ ମଧ୍ୟ ସେହିପଥ ଅନୁସରଣ କରୁଛି। ଅଭିଯୁକ୍ତମାନଙ୍କୁ ଗିରଫ କରି ରିମାଣ୍ଡରେ ନିଆ ନ ଯିବା ପର୍ଯ୍ୟନ୍ତ ସେମାନେ ମାନିବେ ନାହିଁ। ବିଦ୍ୟାଭାରତୀଙ୍କ ସହ ସମ୍ପର୍କ ନ ଥିବା କହୁଥିବା ଡିଏଫଓ ଜମାନବନ୍ଦୀ ବେଳେ ସେଠାରେ ବସି କଣ କରୁଥିଲେ ବୋଲି କହିଛନ୍ତି। ସ୍ୱାମୀସ୍ତ୍ରୀ ଗୋଟିଏ ଘରେ ଥିବା ବେଳେ ଜଣେ ୯୫ ପ୍ରତିଶତ ପୋଡି ଯାଉଥିବା ବେଳେ ଅନ୍ୟଜଣେ କେମିତି ଜାଣିପାରିଲେନି ବୋଲି ସେ ପ୍ରଶ୍ନ କରିଛନ୍ତି। ସବୁ ପ୍ରମାଣ କ୍ରାଇମବ୍ରାଞ୍ଚକୁ ମିଳିଥିବା ବେଳେ ଜଙ୍ଗଲମନ୍ତ୍ରୀ ବିକ୍ରମ ଆରୁଖ ଓ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରାଙ୍କୁ ସୁରକ୍ଷା ଦେବାକୁ ଷଡଯନ୍ତ୍ର ଚାଲିଥିବା ଅଭିଯୋଗ କରିଛନ୍ତି। ଯଦି କ୍ରାଇମବ୍ରାଞ୍ଚ ଅପରାଧୀଙ୍କୁ ଧରିବାରେ ଅସଫଳ ତେବେ ସେମାନେ କାହିଁକି ସବିଆଇ ତଦନ୍ତ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରୁନାହାନ୍ତି ବୋଲି ଅଭିରାମ କହିଛନ୍ତି।

# ବଜାରରେ ବିକ୍ରି ହେଉଛି ଶାଳ ଗଜା

ତେଲକୋଇ, ୨୪।୮(ଡି.ଏନ.ଏ.)

### ଜଙ୍ଗଲ ଧ୍ୱଂସ ହେବାରେ ଲାଗିଛି

କେନ୍ଦୁଝର ଜିଲା ତେଲକୋଇ ସଂଲଗ୍ନ ଖୁଣ୍ଟାପଡା ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ଦୈନିକ ଶହ ଶହ ସଂଖ୍ୟାରେ ଶାଳଗଜା କଟାଯାଇ ଏହାକୁ ଗୋଛା କରି ବଜାର ଅଞ୍ଚଳରେ ବିକ୍ରି କରାଯାଉଛି। ଏଥିଯୋଗୁ ଜଙ୍ଗଲ ଧ୍ୱଂସ ହେବା ସହିତ ବନ୍ୟଜନ୍ତୁ ଗାଁ ମୁହାଁ ହେବାରେ ଲାଗିଛନ୍ତି। ୧୦ ହଜାର ହେକ୍ଟର ପରିମିତ ଏହି ସଂରକ୍ଷିତ ଜଙ୍ଗଲ ନୂଆଗଡ଼, ଖୁଣ୍ଟାପଡା, ଗୁଣ୍ଡୁରୀ ଯୋଡ଼ା, ମଧୁସୂଦନପୁର, କମଳାଙ୍ଗ ଅଞ୍ଚଳରେ ରହିଛି। ଏହି ଜଙ୍ଗଲରେ ହରିଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ବାଘ୍ୱା, ଭାଲୁ, ମୟୂର, ଠେକୁଆ ଓ ଜଙ୍ଗଲୀ କୁକୁଡା ବହୁ ସଂଖ୍ୟାରେ ରହିଛନ୍ତି। ଜଙ୍ଗଲରୁ ଶାଳ ଗଜା କଟାଯାଉଥିବା ବେଳେ ଉକ୍ତ ଜନ୍ତୁଙ୍କ ଜୀବନ ଏବେ ଅସୁରକ୍ଷିତ ହୋଇପଡିଛି। ଏହି ଜଙ୍ଗଲ ମୁଖ୍ୟାଳୟ ବନାଞ୍ଚଳ ବିଭାଗ ପାଖରୁ ମାତ୍ର ୨ କି.ମି. ରହିଛି। କିନ୍ତୁ ଏହି ଗଛ ଗୁଡ଼ିକ କଟାଯାଉଥିଲେ ମଧ କାହାର ଦୃଷ୍ଟି ପଡୁନାହିଁ। ଏପରି ଶାଳ ଗଜାକୁ କଟାଯାଇ ବଜାର ଅଞ୍ଚଳର ବିଭିନ୍ନ ହୋଟେଲ, ଦୋକାନ ଗୁଡ଼ିକରେ ଦିଆଯାଉଛି। ବନ ବିଭାଗ ପକ୍ଷରୁ ଏହା ଉପରେ କଟକଣା କରାଯାଉ ନ ଥିବା ଯୋଗୁ ଆଗାମୀ ଦିନରେ ଜଙ୍ଗଲ ଧ୍ୱଂସ ହେବା ପରିଲକ୍ଷିତ ହୋଇଛି। ଏସମ୍ପର୍କରେ ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ସେଠୀ କହିଛନ୍ତି, ବିଭିନ୍ନ ସମୟରେ କାଠ (ବିଡ଼ା) ଆଣୁଥିବା ଲୋକଙ୍କ କାଠ ଜବତ କରାଯାଉଛି। ସେହିପରି କାଠ କାଟି ଆଣୁଥିବା ବସ୍ତି ଗୁଡ଼ିକରେ ଗଛ ନ କାଟିବାକୁ ସଚେତନତା ଜାରି ରହିଛି। ସେହିପରି ବଜାର ଅଞ୍ଚଳରେ ଥିବା ହୋଟେଲ ଦୋକାନ ଗୁଡ଼ିକୁ ଜାଳେଣୀ ପାଇଁ କୋଇଲା ଓ କାଠ ଡିପୋରୁ କାଠ ଆଣିବାକୁ ପରାମର୍ଶ ଦିଆଯାଇଛି। ବନ ବିଭାଗ ପକ୍ଷରୁ ସଂପୃକ୍ତ ଏହି ସଂରକ୍ଷିତ ଜଙ୍ଗଲକୁ ସୁରକ୍ଷିତ ରଖାଯିବା ପାଇଁ ଏକ ସ୍କ୍ୱାଡ ଗଠନ କରାଯାଇ କର୍ମଚାରୀଙ୍କୁ ମୁତୟନ କରାଯାଇଛି।


ମହିଳାମାନେ ଶାଳ କାଠ ବିକ୍ରି ପାଇଁ ନେଉଛନ୍ତି।

**ରାସ୍ତା ମରାମତି ଦାବିରେ ଧାରଣା**

କୁଳିଅଣା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ମାରଂଗାଣ୍ଡି ପଞ୍ଚାୟତବାସୀ ରାସ୍ତା ମରାମତି ଦାବିରେ ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଦାବି ପୂରଣ ନ ହେଲେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବା ସହିତ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଓ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ପାଣିହଣ୍ଡା ଗ୍ରାମଠାରୁ ଝିନେଇ ପର୍ଯ୍ୟନ୍ତ ସଡ଼କର ମରାମତି ଦାବି କରାଯାଇଛି। ବାରିପଦା ଆଇଟିଡିଏ ପକ୍ଷରୁ ଉକ୍ତ ରାସ୍ତାର ବାଙ୍କାସଲ ନାଳ ଉପରେ ନିର୍ମିତ ପୋଲ ବର୍ଷାରେ ନଷ୍ଟ ହୋଇଯାଇଛି। ଫଳରେ ଯାତାୟାତରେ ଅସୁବିଧା ହେଉଛି।

## ସଂକ୍ଷେପରେ

### ୬୦୦ ଗ୍ରାମ୍ ବ୍ରାଉନସୁଗାର ଜବତ

**ଜଳେଶ୍ୱର, ୨୪।୮(ଡି.ଏନ.ଏ.):** ବାଲେଶ୍ୱର ଜିଲାର ଜଳେଶ୍ୱରରେ ବିଭିନ୍ନ ସମୟରେ ବ୍ରାଉନସୁଗାର ବେପାରୀମାନେ ଏସ୍‌ଟିଏଫ, ପୋଲିସ ଓ ଅବକାରୀ ବିଭାଗ ଦ୍ୱାରା ଧରାପଡୁଥିଲେ ମଧ ଏହି ବ୍ୟବସାୟ ଥମିବାରେ ନାଁ ଧରୁନାହିଁ। ମ୍ୟୁନିସିପାଲଟିର ରାଜପୁର ଗାଁରେ ମଙ୍ଗଳବାର ରାତିରେ ପୋଲିସ୍ ଚଢ଼ାଉ କରି ୬୦ଲକ୍ଷ ଟଙ୍କାର ୬୦୦ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି। ଜଳେଶ୍ୱର ଆଇଆଇସି ପ୍ରଜ୍ଞା ମହାନ୍ତି ଓ ଏସ୍‌ଡିପିଓ ଅଙ୍କିତା କୁମ୍ଭାରଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ବ୍ରାଉନସୁଗାର ପ୍ୟାକିଂ କରୁଥିବା ଜାଇନୁଲ ବିବି ନାମ୍ନୀ ମହିଳାଙ୍କୁ ଗିରଫ କରାଯିବା ସହ ତାଙ୍କ ନିକଟରୁ ବ୍ରାଉନସୁଗାର ଜବତ କରାଯାଇଛି।

### ପେସାଦାର ଅପରାଧୀ ଗିରଫ

**ବାସୁଦେବପୁର, ୨୪।୮(ଡି.ଏନ.ଏ.):** ଭଦ୍ରକ ଜିଲାରେ ୱାରେଣ୍ଟି ଧରପଗଡ଼କୁ ନେଇ ଗତ ଦୁଇ ସପ୍ତାହ ଧରି ବାସୁଦେବପୁର ପୋଲିସ ଜୋରଦାର କରିଛି। ଭଦ୍ରକ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିଭିନ୍ନ ଅପରାଧିକ ମାମଲାରେ ଫେରାର ହୋଇ ବୁଲୁଥିବା ଅପରାଧିଙ୍କୁ ଧରିବା ପାଇଁ ସ୍ଥାନୀୟ ପୋଲିସ ପ୍ରାଥମିକତା ଦେଇ ୧୨ରୁ ଊର୍ଦ୍ଧ୍ୱ ୱାରେଣ୍ଟିକୁ ଧରିବାରେ ସଫଳ ହୋଇଛି। ସୋମବାର ବରଣ୍ଡିଆ ଗ୍ରାମର ଚଗୁଲୁ ଓରଫ ବସନ୍ତ ବିଶ୍ୱାଳ(୩୦) ନାମକ ମୋଷ୍ଟ ୱାଣ୍ଟେଡ୍ ଅପରାଧୀଙ୍କୁ ପୋଲିସ ଗିରଫ କରିଛି।

### ୨୫ କୁଇଣ୍ଟାଲ କୋଇଲା ଜବତ, ୨ ଗିରଫ

**ବାସୁଦେବପୁର, ୨୪।୮(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର-ଧାମରା ରାସ୍ତାର କୋଷ୍ଟ କେନାଲ ଛକ ଠାରୁ ଚୁଡ଼ାମଣି ସାମୁଦ୍ରିକ ଥାନା ପୋଲିସ ମଙ୍ଗଳବାର ଏକ ଚୋରା କୋଇଲା ଭର୍ତ୍ତି ପିକଅପ୍‌କୁ ଜବତ କରିବାସହ ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ମହେଶ୍ୱର ବାରିକ ଓ ଖଗେଶ୍ୱର ମାଝୀ। ପୋଲିସ ଏକ ମାମଲା(ନଂ ୧୦୦/୨୧) ରୁଜୁ କରି ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଉକ୍ତ ଗାଡ଼ିରୁ ୨୫ କୁଇଣ୍ଟାଲ କୋଇଲା ଜବତ ହୋଇଛି।

### ନିୟମିତ ହେଲେ ୩ଶହ କନିଷ୍ଠ ଶିକ୍ଷକ

**ବାରିପଦା ଅଫିସ,୨୪।୮:** ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀଙ୍କ ଚିଠିନଂ.୯୦୫୯ ଅନୁସାରେ ଜିଲାରେ ମୋଟ ୩୦୦ କନିଷ୍ଠ ଶିକ୍ଷକ ନିୟମିତ ହୋଇଛନ୍ତି। ଏନେଇ ଜିଲା କନିଷ୍ଠ ଶିକ୍ଷକ ସଂଘ କର୍ମକର୍ତ୍ତା ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଜିଲା ଶିକ୍ଷା ଅଧିକାରୀ ପ୍ରଦୋଷ କୁମାର ନାୟକ ଓ ମୟୂରଭଞ୍ଜ ଶିକ୍ଷକ ସମନ୍ୱୟ ସମିତିର କର୍ମକର୍ତ୍ତାମାନଙ୍କୁ ମଧ ଧନ୍ୟବାଦ ଅର୍ପଣ କରାଯାଇଛି। ଏହି ଅବସରରେ କନିଷ୍ଠ ଶିକ୍ଷକ ସଂଘର ସଭାପତି ରାଜେଶ କୁମାର ପୃଷ୍ଟି, ସାଧାରଣ ସମ୍ପାଦକ ପ୍ରବୀଣ ମହାନ୍ତ, ସମ୍ପାଦକ ଧର୍ମପ୍ରକାଶ ମହାନ୍ତ, ରାଜେଶ ସାମଲ, ଲଳିତ ମହାନ୍ତ, ଗଦାଧର ନାୟକ ଓ ଶିବ ନାରାୟଣ ମହାନ୍ତଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ପାଣିରେ ବୁଡ଼ି ବୃଦ୍ଧ ମୃତ

**ଉଦଳା/କପ୍ତିପଦା,୨୪।୮(ଡି.ଏନ.ଏ.):** ନାତୁଣୀ ଶାଶୁ ଘରକୁ ବୁଲିବାକୁ ଆସିଥିବା ବେଳେ ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୟୂରଭଞ୍ଜ ଜିଲା କପ୍ତିପଦା ଥାନା କୁଅଁରପୁର ଗ୍ରାମରେ ଏହି ଘଟଣା ଘଟିଛି। ମୃତକ ହେଲେ ବାଲେଶ୍ୱର ଜିଲା ପାଇକପଡ଼ା ଗ୍ରାମର ଜଗନ୍ନାଥ ରାଉତ(୬୮)। ମଙ୍ଗଳବାର ମଧାହ୍ନରେ ବାଡ଼ିରେ ଥିବା ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ବୁଡ଼ି ଯାଇଥିଲେ। ପରିବାର ଲୋକେ ଉଦ୍ଧାର କରି କପ୍ତିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩୧/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଝାମ୍ପିନେଲେ ୫୦ ହଜାର

ସୋର, ୨୪।୮(ଡି.ଏନ୍.ଏ.)-ମଙ୍ଗଳବାର ମଧାହ୍ନରେ ସୋର ପୌରପରିଷଦ ଅନ୍ତର୍ଗତ ମୁଖ୍ୟ ଅଡଙ୍ଗ ବଜାରରୁ ଜଣେ ମହିଳାଙ୍କଠାରୁ ୫୦ ହଜାର ଟଙ୍କା ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। ମ୍ୟୁନିସିପାଲିଟି ଅଧୀନ ଗୋପୀନାଥପୁର ଗ୍ରାମର ସନ୍ତୋଷ କୁମାର ସାହୁଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନାରାଣୀ ଅଡଙ୍ଗ ବଜାରସ୍ଥିତ ୟୁକୋ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଇ ବ୍ୟାଗ୍‌ରେ ରଖି ମାର୍କେଟରୁ ପରିବା କିଣୁଥିବା ବେଳେ ହାତରେ ଧରିଥିବା ଏହି ବ୍ୟାଗକୁ ଜଣେ ଯୁବକ ଝାମ୍ପି ନେଇ ପଳାଇଥିଲେ। ଜ୍ୟୋତ୍ସ୍ନାରାଣୀ ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରୁଛି।

# ଅଚଳ ପ୍ରକଳ୍ପକୁ ନେଇ ଚିନ୍ତାରେ ଚାଷୀ

- ନିଅଣ୍ଟିଆ ବୃଷ୍ଟିପାତ ଯୋଗୁ ଧାନ ଚାଷ ପ୍ରଭାବିତ
- ଚାଷ ପାଇଁ ପାଣି ସଙ୍କଟ
- ୩୦ହଜାର ହେକ୍ଟର ଜମି ପଡ଼ିଆ

**ବାରିପଦା ଅଫିସ,୨୪।୮**

କୃଷିର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ଧାନ ଚାଷଠାରୁ ଆରମ୍ଭ କରି ଅଣଧାନ ଚାଷରେ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର ଓ ଜଳସେଚନର ସୁବିଧା ଯୋଗାଇ ଦିଆଯାଉଛି। ସ୍ୱଳ୍ପ ବୃଷ୍ଟିପାତ ଓ ରବି ଋତୁରେ ଜଳସେଚନର ଉପଯୋଗ କରି ଅଧିକ ଫସଲ ଅମଳ କରିବା ସକାଶେ ଜିଲାରେ ଉଠା ଜଳସେଚନ ଓ ଜଳସେଚନ ବ୍ୟବସ୍ଥା କରାଯାଇଛି। ମାତ୍ର ଚାଷ ପାଇଁ ନିର୍ମାଣ ହୋଇଥିବା ଜଳସେଚନ ପ୍ରକଳ୍ପଗୁଡ଼ିକ ଅଚଳ ହୋଇପଡ଼ିବାରୁ ଚାଷୀ ଏବେ ପ୍ରମାଦ ଗଣୁଛନ୍ତି।

ମୟୂରଭଞ୍ଜ ଜିଲାରେ ନିଅଣ୍ଟିଆ ବୃଷ୍ଟିପାତ ଯୋଗୁ ଧାନ ଚାଷ ପ୍ରଭାବିତ ହୋଇଛି । ଜିଲାରେ ଥିବା ଖଡ଼ଖାଇ, ବାଙ୍କବଳ, ଦେଓ, ଜମ୍ବୀରା, କାଳ, ସୁନେଇ, ସୁବର୍ଣ୍ଣରେଖା, ନେସା ଓ ହଳଦିଆ ଡ୍ୟାମ୍ ସହିତ ଅନେକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଦ୍ୱାରା ଚାଷୀ ଉପକୃତ ହେଉଛନ୍ତି। ଏହା ସହିତ ପାଣି ପଞ୍ଚାୟତ ମାଧ୍ୟମରେ ୧୫୯୮ଟି ଉଠା ଜଳସେଚନ ପ୍ରକଳ୍ପ ଜରିଆରେ ୩୨ହଜାର ୩୦୧ହେକ୍ଟର ଜମି ଜଳସେଚନ ହେଉଥିଲା। ଏଥି ନିମନ୍ତେ ଚାଷୀଙ୍କୁ ନେଇ ପାଣି ପଞ୍ଚାୟତ କମିଟି ଗଠନ କରାଯାଇ ଏହାର ରକ୍ଷଣାବେକ୍ଷଣ ଓ ବିଦ୍ୟୁତ୍ ବିଲ୍ ପୈଠ କରିବାକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ବିଭିନ୍ନ କାରଣରୁ ୨୭୧ଟି ପ୍ରକଳ୍ପ ଅଚଳ ହୋଇପଡ଼ିଥିବାରୁ ସେହି ଅଞ୍ଚଳରେ ଚାଷ ପାଇଁ ପାଣି ସଙ୍କଟ ଦେଖାଦେଇଛି । ଜିଲାର ଶୁଳିଆପଦା ବ୍ଲକରେ ସର୍ବାଧିକ ୬୫, ରାସଗୋବିନ୍ଦପୁରରେ ୨୫, ଗୋପବନ୍ଧୁନଗର ୧୭, ବଡ଼ସାହି ୩୪, ବାଙ୍ଗିରିପୋଷି ୧୬, ବାରିପଦା ୧୩, ସାରସକଣା ୧୪, କୁଳିଅଣା ୧୮, ଖୁଣ୍ଟା ୧୧, ଉଦଳା ୭, କୁଳିଅଣା ୬୫, ମୋରଡ଼ା ବ୍ଲକରେ ୨୩ଟି ପ୍ରକଳ୍ପ ଅଚଳ ହୋଇପଡ଼ିଛି। ଚଳିତ ଅଗଷ୍ଟ ମାସରେ ଜିଲାରେ ମାତ୍ର ୬୦ମି.ମି. ବର୍ଷା ରେକର୍ଡ କରାଯାଇଥିବା ଜିଲା କୃଷି ଅଧିକାରୀ ରବୀନ୍ଦ୍ର ଖଟୁଆ ପ୍ରକାଶ କରିଛନ୍ତି । ଜିଲାରେ ମୋଟ ୪ଲକ୍ଷ ୩୭ହଜାର ହେକ୍ଟର ଜମିରେ ଧାନ ଓ ଅଣଧାନ ଚାଷ ହେବାର ଲକ୍ଷ୍ୟ ରହିଥିବା ବେଳେ ୩୦ହଜାର ହେକ୍ଟର ଜମିରେ ଚାଷ ହୋଇପାରି ନାହିଁ। ଏଥି ମଧ୍ୟରୁ ୨ଲକ୍ଷ ୭୯ହଜାର ୩୦୦ ହେକ୍ଟର ଜମିରେ ଧାନ ଚାଷ ଓ ଅବଶିଷ୍ଟ ୧ଲକ୍ଷ ୨୭ ହଜାର ୭୦୦ ହେକ୍ଟର ଜମିରେ ଅଣଧାନ ଚାଷ ହୋଇଛି।

ଜିଲାବାସୀ ମୁଖ୍ୟତଃ ଧାନ ଚାଷ ଉପରେ ନିର୍ଭର କରୁଥିବା ବେଳେ ବର୍ଷା ଅଭାବରୁ ଆଶାନୁରୂପ ଅମଳ ମିଳି ନ ପାରେ ବୋଲି ଚାଷୀ ସୁରେଶ ପତି, ପାର୍ଥସାରଥି ପଣ୍ଡା ପ୍ରମୁଖ ପ୍ରକାଶ କରିଛନ୍ତି। ସେହିପରି ପାଣି ପଞ୍ଚାୟତଗଡ଼ିକରେ ବିଦ୍ୟୁତ୍ ବିଲ୍ ପୈଠ କରାଯାଇ ନ ଥିବାରୁ ଚାଷୀମାନେ ନିର୍ଦ୍ଦିଷ୍ଟ ସମୟରେ ଜଳସେଚନ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହାର ପରିଚାଳନା ପାଇଁ ଆବଶ୍ୟକ କର୍ମଚାରୀ ପଦବୀ ଫାଙ୍କା ପଡ଼ିଥିବାରୁ ପ୍ରକଳ୍ପଗୁଡ଼ିକ ଅଚଳ ହେବାର ମୁଖ୍ୟ କାରଣ ବୋଲି ଗୋପବନ୍ଧୁନଗର ବ୍ଲକ ସିକିଡ଼ିଆ ଗ୍ରାମର ମଧୁସୂଦନ ମାଇତି, ବଟକୃଷ୍ଣ ଦାସ, ତରଣୀଧର ଗନ୍ତାୟତ କହିଛନ୍ତି। ଏ ସଂକ୍ରାନ୍ତରେ ଉଠା ଜଳସେଚନ ନିଗମ ବାରିପଦାର ଭାରପ୍ରାପ୍ତ ନିର୍ବାହୀଯନ୍ତ୍ରୀ ପ୍ରଦୀପ୍ତ କୁମାର ବେହେରାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଅଚଳ ପ୍ରକଳ୍ପଗୁଡ଼ିକ ଚାଲୁ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଖରିଫ ଚାଷ ପରେ ସମସ୍ତ ପ୍ରକଳ୍ପ ମରାମତି କରାଯିବ ବୋଲି ସେ କହିଛନ୍ତି।

## ବାଙ୍ଗାଲୋରରୁ ଅପହୃତା ନାବାଳିକା ଉଦ୍ଧାର

**ଚମ୍ପୁଆ, ୨୪।୮(ଡି.ଏନ.ଏ)**

କେନ୍ଦୁଝର ଏସ.ପିଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ବର୍ଷ ଫେବୃୟାରୀ ମାସରେ ଅପହୃତା ହୋଇଥିବା ଜଣେ ନାବାଳିକାଙ୍କୁ ଚମ୍ପୁଆ ପୋଲିସ ଉଦ୍ଧାର କରିବାରେ ସଫଳ ହୋଇଛି। ଅଭିଯୋଗ ଅନୁସାରେ ଯୁବକଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁସାରେ ଚମ୍ପୁଆ ବ୍ଲକ ଅଞ୍ଚଳର ଜଣେ ନାବାଳିକାଙ୍କୁ ଗତ ଫେବୃୟାରୀ ୪ ତାରିଖରେ ଝାଡଖଣ୍ଡ ରାଜ୍ୟର ଜଣେ ଯୁବକ ଅପହରଣ କରିନେଇଥିବା ଉକ୍ତ ନାବାଳିକାଙ୍କ ବାପା ଚମ୍ପୁଆ ଥାନାରେ ଅଭିଯୋଗ କରିଥିଲେ। ପରେ ଉକ୍ତ ନାବାଳିକାଙ୍କୁ ଉଦ୍ଧାର ପାଇଁ ଭାଜପା ପକ୍ଷରୁ ମାର୍ଚ୍ଚ ୨୦ ତାରିଖରେ ମହିଳା ମୋର୍ଚ୍ଚା ସଭାପତି ମମତା ସିଂଙ୍କ ନେତୃତ୍ୱରେ ଚମ୍ପୁଆ ଥାନା ଘେରାଉ କରାଯିବା ସହିତ ଉଦ୍ଧାର ପାଇଁ ଦାବି କରାଯାଇଥିଲା। ଚମ୍ପୁଆ ପୋଲିସ ଏ ନେଇ ତଦନ୍ତ ଚଳାଇବା ସହିତ ନାବାଳିକା ଜଣକ ବାଙ୍ଗାଲୋରରେ ରହିଥିବା ଜାଣିବା ପରେ ସବ୍‌ଇନ୍ସପେକ୍ଟର ସୁନିଲ ସୋରେନଙ୍କ ନେତୃତ୍ୱରେ ଲକ୍ଷ୍ମଣ ଟିଁରିକି, ସତ୍ୟ ସାହୁ ଓ ସସ୍ମିତା ପ୍ରଧାନ ଚାରିଜଣିଆ ଟିମ୍ ବାଙ୍ଗାଲୋର ଯାଇ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି।

## ପଞ୍ଚାୟତ ନିର୍ବାଚନ ପାଇଁ ଆର୍‌ଜିପିଆର୍‌ଏସ୍‌ର ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ ସଙ୍ଗଠନର କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ, ୨୪।୮**

ବାଲେଶ୍ୱର ସହର ସିନେମା ଛକସ୍ଥିତ କଂଗ୍ରେସ ଭବନରେ ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଙ୍ଗଠନ (ଆର୍‌ଜିପିଆର୍‌ଏସ୍) ପକ୍ଷରୁ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ୪ଟି ଜିଲାର ସର୍ବେକ୍ଷଣ ଶିବିର ଆୟୋଜନ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଆୟୋଜିତ ବୈଠକରେ ସଙ୍ଗଠନର ରାଜ୍ୟ ଅଧକ୍ଷ ସୁଦର୍ଶନ ଦାସଙ୍କ ଅଧକ୍ଷତା କରିଥିବା ବେଳେ ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଓ କେଉଁଝର ଜିଲା ନେତୃତ୍ୱ ଯୋଗ ଦେଇଥିଲେ।

ଅଗଷ୍ଟ ୨୫ ଓ ୨୬ତାରିଖରେ ନୀଳଗିରିଠାରେ ଆୟୋଜିତ ହେବାକୁ ଥିବା ପ୍ରଶିକ୍ଷଣ ଶିବିରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଜାତୀୟ ଅଧକ୍ଷା ମିନାକ୍ଷୀ ନଟରାଜନ ଓ ଉପାଧକ୍ଷ ହର୍ଷବର୍ଦ୍ଧନ ସତ୍‌ପଲ ଯୋଗ ଦେବେ। ଦେଶର ସାମ୍ପ୍ରତିକ ରାଜନୀତି ସହିତ ସ୍ୱାଧୀନତା ଆନ୍ଦୋଳନ ଓ ପରବର୍ତ୍ତୀ ଦେଶର ବିକାଶରେ କଂଗ୍ରେସର ଭୂମିକା ବିଷୟରେ ଆଲୋଚନା ହେବା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ ହେବା ଲାଗି ସଙ୍ଗଠନ ରାଜ୍ୟ ଅଧକ୍ଷ ଦାସ ସୂଚନା ଦେଇଛନ୍ତି। ଜିଲା ସଭାପତି ସଞ୍ଜୀବ ଗିରି, ମୟୂରଭଞ୍ଜ ଓ କେଉଁଝର ଜିଲାର ଜୋନ ସଂଯୋଜକ ନିରୋଜ ଲୋଚନ ଦାଶ, ଭଦ୍ରକ ଓ ବାଲେଶ୍ୱର ଜିଲାର ଜୋନ ସଂଯୋଜକ ନଳିନୀ ମହାନ୍ତି, ମୟୂରଭଞ୍ଜ ସଂଯୋଜକ ମୀନକେତନ ବେହେରା, ବାଲେଶ୍ୱର ସଂଯୋଜକ ବିଜୟ ମହାନ୍ତି, ଭଦ୍ରକ ସଂଯୋଜକ ପ୍ରଦ୍ୟୁମ୍ନ ଦାସ, କେଉଁଝର ସଂଯୋଜକ ସୁଦର୍ଶନ ପାଇକରାୟ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦକ ଅର୍ଚ୍ଚନା ନନ୍ଦୀ, ବାଲେଶ୍ୱର କଂଗ୍ରେସର ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ ଓ ତୁଷାରକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ପ୍ରତିଷ୍ଠା ଦିବସରେ ଚାଷୀଙ୍କୁ ତାଲିମ




ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଭଦ୍ରକ ଅଫିସ, ୨୪।୮**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଭାରତର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ଭାବେ ୧୯୬୨ରେ ପ୍ରତିଷ୍ଠିତ ହୋଇଥିଲା। ମଙ୍ଗଳବାର ଏହାର ପ୍ରତିଷ୍ଠାର ହୀରକ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ରାଣୀତାଲ କୃଷି ବିଜ୍ଞାନ କେନ୍ଦ୍ର, ଭଦ୍ରକ ଦ୍ୱାରା ପ୍ରତିଷ୍ଠା ଦିବସର ସିଧାପ୍ରସାରିତ ଭଦ୍ରକ ଓ ବାଲେଶ୍ୱର ଜିଲାର ୫୦ ଜଣ ଚାଷୀ ଉଦ୍ୟୋଗୀ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ମାଛ, ଛତୁ, ପନିପରିବା ଚାଷ ଉପରେ ବିଶେଷ ତାଲିମ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଭଦ୍ରକ ଜିଲାର ଅଗ୍ରଣୀ ଚାଷୀ ରାଜକିଶୋର ଗିରିଙ୍କୁ ମଞ୍ଜି ଉତ୍ପାଦନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବାରୁ ଓୟୁଏଟି ଭୁବନେଶ୍ୱରରେ ସମ୍ମାନିତ କରାଯାଇଥିଲା। ବିଭିନ୍ନ ଦିଗରେ ପାରଦର୍ଶିତା ଲାଭ କରିଥିବା ଅଗ୍ରଣୀ କୃଷି ଉଦ୍ୟୋଗୀଙ୍କୁ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଅରବିନ୍ଦ ଦାସଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। କେନ୍ଦ୍ରରୁ ଉତ୍ପାଦିତ ଉନ୍ନତ ମାନର ଚାରା ଓ ଜିଆଖତ ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ବିଶ୍ୱରଞ୍ଜନ ସାମନ୍ତରାୟ, ଡ. ଜ୍ୟୋତ୍ସ୍ନାରାଣୀ ମହାରଣା, ଡ. ରୋଜାଲିନ ମହାନ୍ତ, ଡ. ବିଜୟଲକ୍ଷ୍ମୀ ରାଉତ, କ୍ଷେତ୍ର ପରିଚାଳକ ମଣ୍ଟୁ ଚୌଧୁରୀ, କାର୍ଯ୍ୟକ୍ରମ ସହାୟକ ଗୟାଧର ଶିଅଳ ଓ ଗୋପାଳକୃଷ୍ଣ ଓଝା ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୩ ଦୋଷୀଙ୍କୁ ୭ବର୍ଷ କାରାଦଣ୍ଡ

**ବାରିପଦା ଅଫିସ,୨୪।୮**

ମୟୂରଭଞ୍ଜ ଜିଲା ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ କୋର୍ଟରେ ମଙ୍ଗଳବାର ଏକ ନରହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ସହକାରୀ ଦୌରାଜଜ୍ ଦୀପକ କୁମାର ସାହୁ ଏହାର ବିଚାର କରି ହତ୍ୟାକାରୀ ଝାରପୋଖରିଆ ଥାନା ମାହାଳିଆସାହିର ଚରଣ ମାଝି(୫୫), ଗୋବିନ୍ଦ ମାଝି(୪୫) ଓ ପାରୌ ମାଝି(୪୨)ଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥି ସହ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ୩ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ମାମଲାର ବିବରଣୀ ଅନୁଯାୟୀ, ୨୦୧୯ ମାର୍ଚ୍ଚ ୨୧ରେ ରାଇମତ ମାଝୀ(୩୫) ନାମ୍ନୀ ଜଣେ ମହିଳା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ଯାଇ ପୂଜାପାଠ କରିଥିଲେ। ଏହାକୁ ବିରୋଧ କରି ଅଭିଯୁକ୍ତମାନେ ରାଇମତଙ୍କୁ ତାଗିଦ କରିବାରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତମାନେ ରାଇମତଙ୍କୁ ଠେଙ୍ଗା ଓ ଛୁରୀରେ ଆକ୍ରମଣ କରିଥିଲେ। ସରକାରୀ ଓକିଲ ବ୍ରଜେନ୍ଦ୍ର ମହାନ୍ତି ମାମଲା ପରିଚାଳନା କରିଥିଲେ।

## ଆବାସ ଯୋଜନା: ମିଳୁନି ଘରର ଫାଇନାଲ ବିଲ୍

**କେନ୍ଦୁଝର, ୨୪।୮ (ସ୍ୱ.ପ୍ର.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରୀବ ଗୃହହୀନଙ୍କୁ ଘର ମିଳୁଥିଲେ ହେଁ ଉପଯୁକ୍ତ ତଦାରଖ ଅଭାବରୁ ଅନେକ ଘର ଅଧାପନ୍ତରା ହୋଇ ପଡିରହୁଥିବାରୁ କାମରେ ଲାଗୁନି। ସେହିପରି ଅନେକ ହିତାଧିକାରୀ ଘର ନିର୍ମାଣ କରୁଥିଲେ ହେଁ ସେମାନଙ୍କୁ ଠିକ ସମୟରେ ବିଲ ମିଳୁ ନ ଥିବା ଅଭିଯୋଗ ହୋଇଛି ।

ଏଭଳି ଅଭିଯୋଗ ସୋମବାର ଜିଲା ପ୍ରଶାସନ ନିକଟରେ ହୋଇଛି। ସଦର ବ୍ଲକ ଅନ୍ତର୍ଗତ ନେଲୁଙ୍ଗ ପଞ୍ଚାୟତର ସାତ ନମ୍ବର ୱାର୍ଡରେ ମମତା ଦାସ ନାମରେ ଏହି ଯୋଜନାରେ ଏକ ଘର ୨୦୧୯-୨୦ ମସିହାରେ ଅନୁମୋଦନ ହୋଇ କାର୍ଯ୍ୟାଦେଶ ହୋଇଥିଲା। କିନ୍ତୁ ଘର କାମ ସରିଥିଲେ ହେଁ ଫାଇନାଲ ବିଲ ବାବଦକୁ ୩୦ ହଜାର ଟଙ୍କା ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କରିଥିବା ଦୁଇ ଜଣ ଶ୍ରମିକଙ୍କ ୩୦ ଦିନର ମଜୁରୀ ମିଳି ନ ଥିବା ୱାର୍ଡମେମ୍ବର ପ୍ରସନ୍ନ କୁମାର ଦାସ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ଗ୍ରାମୀଣ ଉନ୍ନୟନ ସଂସ୍ଥା ନିକଟରେ ଅଭିଯୋଗ କରିଛନ୍ତି। ଫାଇନାଲ ବିଲ ମାଗିବାରୁ କମ୍ପ୍ୟୁଟର କର୍ମଚାରୀ କହୁଛନ୍ତି, ଫାଇଲ ହଜିଯାଇଛି । ଜିଆରଏସଙ୍କୁ ଶ୍ରମିକ ମଜୁରୀ ବିଲର ଫାଇନାଲ ବିଲ ବାବଦରେ ପଚାରିଲେ କହୁଛନ୍ତି, ଫାଇଲ କ୍ଲୋଜ କରିଦିଆଯାଇଛି। ଏଣୁ ବାଧ ହୋଇ ପିଡିଙ୍କୁ ଅଭିଯୋଗ କରିବାରୁ କମ୍ପ୍ୟୁଟରରେ ସମସ୍ୟା ହୋଇଥିବ। ଠିକ ହୋଇଯିବ ବୋଲି କହୁଥିବା ୱାର୍ଡମେମ୍ବର ପ୍ରସନ୍ନ ଦାସ କହିଛନ୍ତି। ଏଭଳି ଉକ୍ତ ପଞ୍ଚାୟତରେ ଶହ ଶହ ଶ୍ରମିକଙ୍କୁ ମଜୁରି ମିଳିନାହିଁ। ଫଳରେ ଏଥିରେ ଦୁର୍ନୀତି ହୋଇଥିବା ଆଶଙ୍କା କରି ତଦନ୍ତ ଦାବି କରିଛନ୍ତି। ସେହିପରି ଉକ୍ତ ବ୍ଲକର ମଇଦାନକେଲ ପଞ୍ଚାୟତର ହରିହରପୁର ଗ୍ରାମର ସମ୍ବାରୀ ମହାନ୍ତଙ୍କ ନାମରେ ମାର୍ଚ୍ଚ ୧୮ ତାରିଖରେ ବିଜୁ ପକ୍କା ଯୋଜନାରେ ଘର ମିଳିଥିଲା। ସେ ତିନି ମାସ ମଧରେ ଘର ନିର୍ମାଣ ସାରିଥିଲେ ହେଁ ଘରର ଫାଇନାଲ ବିଲ ମିଳୁ ନ ଥିବାରୁ ସଦର ବ୍ଲକ ବିଡିଓଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି ।

## ରକ୍ଷାବନ୍ଧନ କାର୍ଯ୍ୟକ୍ରମ

**କେନ୍ଦୁଝର, ୨୪।୮ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ସହର ଜେଲରୋଡସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବିଦ୍ୟାଳୟ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ରକ୍ଷାବନ୍ଧନ ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତିର ଉପସଭାପତି ଇଂ ହରମୋହନ ପଟ୍ଟନାୟକ ଓ ସଂପାଦକ ରବୀନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ରହି ରକ୍ଷା ବନ୍ଧନର ତାତ୍ପର୍ଯ୍ୟ ସମ୍ବନ୍ଧରେ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମାମାନେ ପରସ୍ପର ମଧରେ ରାକ୍ଷୀ ବାନ୍ଧିଥିବା ବେଳେ ପ୍ରତ୍ୟେକ ଗୋଟିଏ ଗୋଟିଏ ଗଛରେ ମଧ ରାକ୍ଷୀ ବାନ୍ଧିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ଦାସ ଓ ପ୍ରହ୍ଲାଦ ମହାନ୍ତ ପରିଚାଳନା କରିଥିଲେ।

## ଜବରଦଖଲ ଉଚ୍ଛେଦ



ପ୍ରଶାସନ ପକ୍ଷରୁ ଫଳ ଦୋକାନୀଙ୍କୁ ଉଚ୍ଛେଦ କରାଯାଉଛି ।

**ବାରିପଦା ଅଫିସ,୨୪।୮**

ବାରିପଦା ମ୍ୟୁନସିପାଲିଟି ପକ୍ଷରୁ ସହରର ରାସ୍ତା କଡ଼ ଫଳ ଦୋକାନଗୁଡିକୁ ଉଚ୍ଛେଦ କରାଯାଇଛି । ମ୍ୟୁନସିପାଲିଟିର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ବାରିପଦା ଉପଜିଲାପାଳ ଅନ୍ୟା ଦାସଙ୍କ ନିର୍ଦ୍ଦେଶ କ୍ରମେ କର୍ମଚାରୀ ଓ ଟାଉନ ଥାନା ପୋଲିସ ଉପସ୍ଥିତ ରହି ଜବରଦଖଲ ଉଚ୍ଛେଦ କରିଥିଲେ। ବ୍ୟସ୍ତବହୁଳ ସତ୍ୟସାଇ ଛକଠାରୁ ଡାକ୍ତରଖାନାକୁ ସଂଯୋଗ କରୁଥିବା ଏମ୍‌କେସି ହାଇସ୍କୁଲର ପୂର୍ବ ଓ ଦକ୍ଷିଣ ପାର୍ଶ୍ୱରେ ଦୋକାନୀମାନଙ୍କୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ଥଇଥାନ ଲାଗି କଚେରୀ ମାର୍କେଟରେ ଫଳ ବିକ୍ରି କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଦୀର୍ଘ ଦିନ ଧରି ଉକ୍ତ ରାସ୍ତା କଡ଼ରେ ଫଳ ବିକ୍ରି କରୁଥିବାରୁ ଯାତାୟାତ କ୍ଷେତ୍ରରେ ଅସୁବିଧା ପରିଲକ୍ଷିତ ହେଉଥିଲା।

## କରୋନା ସଚେତନତା




ଶିବିରରେ ଉପସ୍ଥିତ ଅଧ୍ୟାପିକାଅଧ୍ୟାପକଙ୍କ ସହ ଛାତ୍ରୀଛାତ୍ର।

**କେନ୍ଦୁଝର, ୨୪।୮ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ତୁରୁମୁଙ୍ଗା ସ୍ଥିତ ଦଧୀବାମନ ଡିଗ୍ରୀ ମହାବିଦ୍ୟାଳୟ କୋଭିଡ ୧୯ ଉପରେ ଜାତୀୟ ସେବା ସଂସ୍ଥା ତରଫରୁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ତ୍ରୈଲକ୍ୟ କୁମାର ପରିଡା ଅଧ୍ୟକ୍ଷତା କରିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ପଦ୍ମଲୋଚନ ସାହୁ ଶିବିର ପରିଚାଳନା କରିଥିଲେ। ଅଧ୍ୟାପକ ତ୍ରିନାଥ ମହାନ୍ତ, ଅଜୟ କୁମାର ବେହେରା, ଅଧ୍ୟାପିକା ଜଗତଜନନୀ ଜେନା, ତପସ୍ୱିନୀ ସାହୁ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷା କରିବା, ହାତ ଧୋଇବା ଭଳି ନିୟମ ପାଳନ କଲେ ଆମେ ସୁରକ୍ଷିତ ରହିପାରିବା ବୋଲି ଡ. ପରିଡା କହିଥିଲେ।

## ‘ଜନଗଣନାକୁ ଜାତିଭିତ୍ତିକ କରାଯାଉ’

**ବାଲେଶ୍ୱର ଅଫିସ, ୨୪।୮**




ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ଆସିଥିବା ଉତ୍କଳ ଯାଦବ ମହାସଭାର କର୍ମକର୍ତ୍ତା।

ଜନଗଣନା-୨୦୨୧ରେ (ଓବିସି) ଅନ୍ୟାନ୍ୟ ପଛୁଆବର୍ଗ ସହ ଜାତିଭିତ୍ତିକ ଜନଗଣନାକୁ ଅନ୍ତର୍ଭୁକ୍ତ କରାଯିବା ନିମନ୍ତେ ବାଲେଶ୍ୱର ଜିଲା ଶାଖା ଉତ୍କଳ ଯାଦବ ମହାସଭା ପକ୍ଷରୁ ମଙ୍ଗଳବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଭାରତବର୍ଷରେ ଯାଦବ ଜାତି ବୃହତ୍ତମ ଜାତି। ଆଭ୍ୟନ୍ତରୀଣ ଗଣନା ଅନୁସାରେ ଯାହାର ସଂଖ୍ୟା ପ୍ରାୟ ୨୨କୋଟିରୁ ଅଧିକ। ମଣ୍ଡଳ ଆୟୋଗ ଅନୁଯାୟୀ ଓବିସି ସଂଖ୍ୟା ୫୨ ପ୍ରତିଶତ ବୋଲି ଆକଳନ କରାଯାଇଛି। ଏହା ଉପରେ କୌଣସି ପ୍ରମାଣ ଭିତ୍ତିକ ତଥ୍ୟ ସରକାରଙ୍କଠାରେ ଉପଲବ୍ଧ ନାହିଁ। ଗତ ୨୦୧୮ରେ ତତ୍କାଳୀନ କେନ୍ଦ୍ର ସରକାରଙ୍କ ଗୃହମନ୍ତ୍ରୀ ରାଜନାଥ ସିଂ ଜାତିଭିତ୍ତିକ ଗଣନା ସଂସଦରେ ଘୋଷଣା କରିଥିଲେ ମଧ ଗତ ଏପ୍ରିଲ ୨୦୨୧ରେ ପଛୁଆବର୍ଗଙ୍କ ପାଇଁ ଜାତି ଆୟୋଗ ମଧ ଜନଗଣନାରେ ଓବିସି ସମ୍ପ୍ରଦାୟ ଏବଂ ଜାତିଭିତ୍ତିକ ଯୋଜନାକୁ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ ଦେଇଥିଲେ। ଗତ ଜୁଲାଇ ୨୧ରେ ରାଜ୍ୟ ଯୁବ ମନ୍ତ୍ରାଳୟ ପକ୍ଷରୁ ଓବିସିର ଜାତିଭିତ୍ତିକ ଗଣନା ନ କରିବାକୁ ଘୋଷଣା କରିଛନ୍ତି। ଯେଉଁଥିପାଇଁ କେବଳ ଯାଦବ ଜାତି ନୁହେଁ ସମଗ୍ର ଓବିସି ସମାଜ ବିଶେଷ ଆଘାତପ୍ରାପ୍ତ ହେବାର ଆଶଙ୍କା କରାଯାଇଛି। ତେଣୁ ଜନଗଣନା ୨୦୨୧ରେ ଜାତିଭିତ୍ତିକ ଗଣନା ସହ ଓବିସି ସମ୍ପ୍ରଦାୟର ଜନଗଣନା କରିବାକୁ ଅନୁଷ୍ଠାନ ଜିଲା ସଭାପତି ମନୋଜ କୁମାର ଦାସ, ଜିଲା ସାଧାରଣ ସମ୍ପାଦକ ରବୀନ୍ଦ୍ର ମହାକୁଡ଼, ଉପଦେଷ୍ଟା କାର୍ତ୍ତିକ ବେହେରା, ଶୀତଲ ଯାଦବ ଓ ଜୟହୀନ୍ଦ ଯାଦବ, ସଂଯୋଜକ ଜଗନ୍ନାଥ ଦାସ ପ୍ରମୁଖ ଦାବି କରିଛନ୍ତି।

